# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 21st May – 2026

************************************

## ମୁଖ୍ୟ ସମ୍ବାଦ

- ୨୦୨୭ ମସିହା ସୁଦ୍ଧା ରାଜ୍ୟର ସମସ୍ତ ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ କରାଯିବ ।

- ସେବା ହେଉଛି ସର୍ବୋଚ୍ଚ କର୍ତ୍ତବ୍ୟ; କହିଲେ ରାଜ୍ୟପାଳ ।

- ପୁରୀ ରଥଯାତ୍ରାକୁ ଶୃଙ୍ଖଳିତ ଓ ବ୍ୟବସ୍ଥିତ ଭାବେ ସମ୍ପନ୍ନ କରିବାପାଇଁ ପୁଲିସ ମହାନିର୍ଦ୍ଦେଶକଙ୍କ ଉଚ୍ଚସ୍ତରୀୟ ବୈଠକ ।

ଏବଂ

- ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀଜନିତ ବର୍ଷା ଜାରି ।

— ପ୍ରବଳ ବର୍ଷା ହେବା ନେଇ ୨୬ଟି ଜିଲ୍ଲାକୁ ସତର୍କ ସୂଚନା ।

***IPR***

# ପାଇପ୍ ଜଳ

ରାଜ୍ୟରେ ୨୦୨୭ ମସିହା ମାର୍ଚ୍ଚ ମାସ ସୁଦ୍ଧା ସମସ୍ତ ଗ୍ରାମକୁ ପାଇପ୍ ଜଳ ସୁବିଧା ପହଞ୍ଚାଇବାକୁ ସରକାର ପ୍ରତିବଦ୍ଧ ବୋଲି ବିଭାଗୀୟ ମନ୍ତ୍ରୀ

ରବିନାରାୟଣ ନାଏକ କହିଛନ୍ତି । ଭୁବନେଶ୍ୱରରେ ଆଜି ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ସମୀକ୍ଷା କରି ମନ୍ତ୍ରୀ କହିଛନ୍ତି, ୨୦୭ଟି ବୃହତ୍ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ମଧ୍ୟରୁ ୩୩ଟି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଏହାଦ୍ୱାରା ୨ ହଜାର ୪୦୨ଟି ଗ୍ରାମକୁ ପାଇପ୍ ଯୋଗେ ଜଳ ଯୋଗାଇ ଦିଆଯାଉଛି । ଅନ୍ୟ ୧୪ଟି ପ୍ରକଳ୍ପ କାର୍ଯ୍ୟ ଚଳିତ ମାସରେ ସମ୍ପୂର୍ଣ୍ଣ ହେବ । ଏହା ମାଧ୍ୟମରେ ଆହୁରି ୧ ହଜାର ୩୩୧ଟି ଗ୍ରାମ ଉପକୃତ ହେବେ । ୨୦୨୪ ମସିହାରୁ ବିଭିନ୍ନ ଅଞ୍ଚଳରେ ଜଳସଙ୍କଟ ଦୂର କରିବାପାଇଁ ୩୭ ହଜାର ୮୭୬ଟି ନଳକୂପକୁ ଅନୁମୋଦନ କରାଯାଇଛି । ଚଳିତ ବର୍ଷ ମଧ୍ୟ ଜଳସଙ୍କଟ ପ୍ରବଣ ଅଞ୍ଚଳଗୁଡ଼ିକରେ ପାନୀୟ ଜଳ ଯୋଗାଣପାଇଁ ୬୨୯ଟି ଟ୍ୟାଙ୍କର ନିୟୋଜିତ କରାଯାଇଥିବା ମନ୍ତ୍ରୀ କହିଛନ୍ତି ।

***Voice** :…………*

***IPR***

# ରାଜ୍ୟପାଳ - ସ୍କାଉଟ୍ ପୁରସ୍କାର

ସେବା ହେଉଛି ସର୍ବୋଚ୍ଚ କର୍ତ୍ତବ୍ୟ । ଅନ୍ୟମାନଙ୍କୁ ସାହାଯ୍ୟ କରିବାଦ୍ୱାରା ଜୀବନ ସାର୍ଥକ ହୋଇଥାଏ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି କହିଛନ୍ତି । ଲୋକଭବନର ନ୍ୟୁ ଅଭିଷେକ ହଲ୍‌ରେ ଓଡ଼ିଶା ରାଜ୍ୟ ସ୍କାଉଟ୍ ଏବଂ ଗାଇଡ୍ ରାଜ୍ୟ ପୁରସ୍କାର ପ୍ରଦାନ ସମାରୋହରେ ରାଜ୍ୟପାଳ’ ଯୁବପିଢ଼ିଙ୍କ ମଧ୍ୟରେ ନିସ୍ୱାର୍ଥପର ସେବା, ଶୃଙ୍ଖଳା ଏବଂ ନେତୃତ୍ୱର ଗୁରୁତ୍ୱ

ଉପରେ ଆଲୋକପାତ କରିଛନ୍ତି । ରାଜ୍ୟପାଳ କହିଛନ୍ତି, ପିଲାଙ୍କ ମଧ୍ୟରେ ଦୟା, ନମ୍ରତା, ଶୃଙ୍ଖଳା ଓ ସହାନୁଭୂତି ଭଳି ମୂଲ୍ୟବୋଧକୁ ଜାଗ୍ରତ କରାଇବାଦ୍ୱାରା ଦାୟିତ୍ୱପୂର୍ଣ୍ଣ ଏବଂ କରୁଣାପୂର୍ଣ୍ଣ ନାଗରିକ ଗଠନ କରିବାରେ ସହାୟକ ହୋଇଥାଏ । ଏହି ଅବସରରେ ରାଜ୍ୟପାଳ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଓ ପ୍ରେରଣା ପାଇଁ ଶିକ୍ଷକ ଓ ଅଭିଭାବକମାନଙ୍କୁ ପ୍ରଶଂସା କରିଥିଲେ ।

***Desk***

# ରଥଯାତ୍ରା - ପାର୍କିଂ

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପୂର୍ବରୁ ପୁରୀରେ ସମସ୍ତ ପାର୍କିଂ ସମସ୍ୟା ଦୂର ହେବ ବୋଲି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ  କହିଛନ୍ତି । ରଥଯାତ୍ରା ପରେ ସହରରେ ବହୁସ୍ତରୀୟ କାର୍ ପାର୍କିଂ ବ୍ୟବସ୍ଥା କରାଯିବ । ଏଥିରେ ୩ ହଜାରରୁ ଅଧିକ ଗାଡ଼ି ରହିବା ଭଳି ସୁବିଧା ରହିବ । ଜଗନ୍ନାଥବଲ୍ଲଭ ପାର୍କିଂ କାର୍ଯ୍ୟ ମଧ୍ୟ ଶୀଘ୍ର ଶେଷ ହେବ ବୋଲି ମନ୍ତ୍ରୀ କହିଛନ୍ତି ।

***Cuttack/R***

# ରଥଯାତ୍ରା ବୈଠକ

ପୁରୀରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଶୃଙ୍ଖଳିତ, ସୁରକ୍ଷିତ ଏବଂ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ କରିବାପାଇଁ କଟକସ୍ଥିତ ରାଜ୍ୟ ପୁଲିସ ମୁଖ୍ୟାଳୟରେ ପୁଲିସ

ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଶ୍ରୀ ଖୁରାନିଆ ରଥଯାତ୍ରା ସମୟରେ ସମସ୍ତ ସୁରକ୍ଷା ଓ ପରିଚାଳନା ବ୍ୟବସ୍ଥାକୁ ଅଧିକ ତ୍ୱରାନ୍ୱିତ ତଥା ସୁଦୃଢ଼ କରିବା ସହ ତୃଣମୂଳ ସ୍ତରରୁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ପୁଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରଥଯାତ୍ରା ସମୟରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ଭିଡ଼ ନିୟନ୍ତ୍ରଣପାଇଁ ଚଳିତ ଥର ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିରେ ଅତିରିକ୍ତ ୮ଟି ପାର୍କିଂ ସ୍ଥଳୀ ଚିହ୍ନଟ କରାଯିବା ସହ ରଥଯାତ୍ରା ସମୟରେ ରଥଗୁଡ଼ିକର ସୁଗମ ଗତି ସୁନିଶ୍ଚିତ ପାଇଁ ସ୍ୱତନ୍ତ୍ର ଦଳ ନିୟୋଜିତ ପାଇଁ ନିଷ୍ପତ୍ତି ହୋଇଛି । ଏହାବ୍ୟତୀତ ଭିଡ଼ ନିୟନ୍ତ୍ରଣପାଇଁ ଅତିରିକ୍ତ ସି.ସି.ଟି.ଭି. କ୍ୟାମେରା ସ୍ଥାପନ, ଦଳଚକଟା ଭଳି ପରିସ୍ଥିତିକୁ ଏଡ଼ାଇବାପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ସମୁଦ୍ରକୂଳ ଅଞ୍ଚଳରେ ପୁଲିସ ପାଟ୍ରୋଲିଂ କଡ଼ାକଡ଼ି କରାଯିବ ବୋଲି ଜଣାପଡ଼ିଛି । ସୂଚନା ଅନୁସାରେ ଆସନ୍ତା ଜୁନ୍ ୨୯ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା, ଜୁଲାଇ ୧୪ରେ ନବଯୌବନ ଦର୍ଶନ, ଜୁଲାଇ ୧୬ରେ ରଥଯାତ୍ରା, ୨୦ ତାରିଖରେ ହେରାପଞ୍ଚମୀ, ୨୪ ତାରିଖରେ ବାହୁଡ଼ାଯାତ୍ରା, ୨୫ ତାରିଖକେର ସୁନାବେଶ, ଏବଂ ୨୭ ତାରିଖରେ ନୀଳାଦ୍ରି ବିଜେ ନୀତି ସମ୍ପନ୍ନ ହେବ ।

*IPR*

## କ୍ୟାମ୍ପ୍ କୋର୍ଟ

ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆସନ୍ତା ୩୦ ତାରିଖ ଶନିବାର ଦିନ ଅପରାହ୍ଣ ୩ଟାରେ ଭୁବନେଶ୍ୱରସ୍ଥିତ ଉନ୍ନତି ଭବନଠରେ ଏକ ସ୍ୱତନ୍ତ୍ର ଅପିଲ୍ କୋର୍ଟର ଆୟୋଜନ କରାଯିବ । ବି.ଡି.ଏ. ଓ ବି.ଏମ୍.ସି.ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମା ବିରୋଧରେ ଆସିଥିବା ମାମଲା ଗୁଡ଼ିକର ଶୁଣାଣି ଓ ସମାଧାନ ପାଇଁ ଏହି କ୍ୟାମ୍ପ୍ କୋର୍ଟର ଆୟୋଜନ କରାଯାଉଥିବା ବିଭାଗ ପକ୍ଷରୁ କୁହାଯାଇଛି ।

*Keonjhar/R*

## ମୁଖ୍ୟମନ୍ତ୍ରୀ - ସହାୟତା ରାଶି

କେନ୍ଦୁଝର ଜିଲ୍ଲା ସଦର ତହସିଲ୍ ନରଣପୁରଠାରେ କାଳବୈଶାଖୀଜନିତ ଘୂର୍ଣ୍ଣିଝଡ଼ ଯୋଗୁଁ ୩ ଜଣଙ୍କର ମୃତ୍ୟୁ ହୋଇଛି । ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି ।

***IPR***

## ଭିତ୍ତିପ୍ରସ୍ତର

ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗରଠାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ୨୩ କୋଟି ୪୮ ଲକ୍ଷ ଟଙ୍କା ବ୍ୟୟରେ ୮୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହା ସହ ୨ କୋଟି ୭୭ ଲକ୍ଷ ଟଙ୍କାର ୧୨ଟି ପ୍ରକଳ୍ପର ଲୋକାର୍ପଣ ହୋଇଛି । ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ବ୍ରଜରାଜନଗରର ସର୍ବାଙ୍ଗୀନ ବିକାଶପାଇଁ ସରକାର ସଙ୍କଳ୍ପବଦ୍ଧ । ନୂତନ ପ୍ରକଳ୍ପଦ୍ୱାରା ସହରର ଭିତ୍ତିଭୂମି ସୁଦୃଢ଼ ହେବା ସହ ସ୍ଥାନୀୟ ଯୁବକମାନଙ୍କପାଇଁ ବ୍ୟାପକ ରୋଜଗାର ସୃଷ୍ଟି ହେବ ବୋଲି ଶ୍ରୀ ପୂଜାରୀ କହିଛନ୍ତି ।

***Puri/R***

## ରତ୍ନଭଣ୍ଡାର - ଗଣତି

ପୁରୀ ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ନୀତି ଶେଷ ହେବା ପରେ ରତ୍ନଭଣ୍ଡାରର ଅଳଙ୍କାର ଗଣତି କାର୍ଯ୍ୟ ଆରମ୍ଭ ହୋଇଛି । ଗଣତି କାର୍ଯ୍ୟ ସନ୍ଧ୍ୟା ଧୂପ ପର୍ଯ୍ୟନ୍ତ ଚାଲିବ । ଏଥିପାଇଁ ଶ୍ରଦ୍ଧାଳୁମାନେ କେବଳ ବାହାର କାଠ ନିକଟରୁ ମହାପ୍ରଭୁଙ୍କ ଦର୍ଶନ କରୁଛନ୍ତି । ଚଳିତ ମାସରେ ୯ ଦିନପାଇଁ ଭିତର ରତ୍ନଭଣ୍ଡାର ଗଣତି କାର୍ଯ୍ୟ କରାଯାଉଛି ।

*Puri/R*

# ସ୍ମୃତି ସ୍ମାରକୀ ଦିବସ

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ଶହିଦ ସ୍ମୃତିପୀଠ କୁହୁଡ଼ିଠାରେ ଆଜି ୯୬ତମ ଲବଣ ସତ୍ୟାଗ୍ରହ ସ୍ମୃତି ସ୍ମାରକୀ ଦିବସ ପାଳିତ ହୋଇଯାଇଛି । ଏଥିରେ ଲବଣ ସତ୍ୟାଗ୍ରହର ଐତିହ୍ୟ, ସ୍ୱାଧୀନତା ସଂଗ୍ରାମରେ କୁହୁଡ଼ିର ଅବଦାନ, ମହାତ୍ମାଗାନ୍ଧିଙ୍କ ଓଡ଼ିଶା ଗସ୍ତର ଇତିହାସ ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା ।

*Ganjam/R*

# ବାଲ୍ୟବିବାହ

ଗଞ୍ଜାମ ଜିଲ୍ଲାରୁ ବାଲ୍ୟବିବାହକୁ ସମ୍ପୂର୍ଣ୍ଣଭାବେ ପ୍ରତିହତ କରିବାପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ଜିଲ୍ଲାପାଳ ଭି. କୀର୍ତ୍ତିଭାସନ କିଶୋରୀ ଓ କିଶୋରମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ପୋଷଣ ଆଦି କ୍ଷେତ୍ରରେ ସମାନ ଦୃଷ୍ଟି ଦେବାକୁ ଅଭିଭାବକମାନଙ୍କୁ ନିବେଦନ କରିଛନ୍ତି । ଜିଲ୍ଲାରେ ବିଭିନ୍ନ ସମସ୍ୟାର ସମାଧାନପାଇଁ ୩୬୦ ଆପ୍ ବିକଶିତ କରାଯାଇଛି । ଏହି ଆପ୍ ମାଧ୍ୟମରେ ବାଲ୍ୟବିବାହ ସମ୍ପର୍କରେ ସୂଚନା ଦିଆଯାଇପାରିବ । ଆସନ୍ତା ୧୫ ଦିନ ମଧ୍ୟରେ ଏହି ସୁବିଧା ଆରମ୍ଭ ହେବ ବୋଲି ଜିଲ୍ଲାପାଳ କହିଛନ୍ତି ।

*Malkangiri/R*

# ଶିଶୁପାଇଁ ଦିନଟିଏ

ମାଲକାନଗିରି ଜିଲ୍ଲା ଶିଶୁ ସୁରକ୍ଷା କେନ୍ଦ୍ର ଏବଂ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ 'ଶିଶୁପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଶିଶୁମାନଙ୍କ ସୁରକ୍ଷା, ବିକାଶ ଓ ବୌଦ୍ଧିକ ଉନ୍ନତିପାଇଁ ସମସ୍ତ ବିଭାଗ ମିଳିମିଶି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

*Desk*

# ରୁଷ୍ - ଓଡ଼ିଆ ଯୁବକ

ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ରୁଷ୍‌ର ମସ୍କୋଠାରେ ପ୍ରାଣ ହରାଇଥିବା ଓଡ଼ିଆ ଯୁବକ ଏ. ରମେୟାଙ୍କ ମୃତ ଶରୀରକୁ ଓଡ଼ିଶା ଫେରାଇ ଅଣାଯାଇଛି । ଗଞ୍ଜାମ ଜିଲ୍ଲା ମାଧବନ୍ଧ ଗ୍ରାମର ମୂଳବାସିନ୍ଦା ଶ୍ରୀ ରମେୟା ରୁଷ୍‌ରେ ଏକ କମ୍ପାନୀରେ କାର୍ଯ୍ୟ କରୁଥିଲେ । ଗତ ୧୭ ତାରିଖରେ ରୁଷ୍ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧରେ ଡ୍ରୋନ୍ ଆକ୍ରମଣରେ ତାଙ୍କର ମୃତ୍ୟୁ ହୋଇଥିଲା ।

*Kendrapara/R*

## ଶିକ୍ଷା ସମୀକ୍ଷା

କେନ୍ଦ୍ରାପଡ଼ା ଜିଲ୍ଲାପାଳ ଆର୍. ରଘୁରାମ୍ ଆୟାର୍ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଶିକ୍ଷା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଶିକ୍ଷାକ୍ଷେତ୍ରରେ ଜାରି ରହିଥିବା ବିଭିନ୍ନ ଯୋଜନା ଏବଂ ଆଗାମୀ ବାର୍ଷିକ କାର୍ଯ୍ୟ ଯୋଜନା ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ଜିଲ୍ଲାପାଳ ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ବିକାଶ ସହ ଲମ୍ବିତ କାର୍ଯ୍ୟର ଶୀଘ୍ର ସମାଧାନ, ଆନ୍ତଃବିଭାଗୀୟ ସମନ୍ୱୟକୁ ସୁଦୃଢ଼ କରିବା ଏବଂ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦେଇଥିଲେ ।

*Malkangiri/R*

## ପ୍ରକଳ୍ପ ସମୀକ୍ଷା

ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ କୋରୁକୋଣ୍ଡା ବ୍ଲକ୍ ଗସ୍ତ କରି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଅଧୀନରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି । ଗ୍ରାମାଞ୍ଚଳରେ ଆତ୍ମନିଯୁକ୍ତି, ଦୁଗ୍ଧ, ମାଂସ ଓ ଅଣ୍ଡା ଉତ୍ପାଦନ କ୍ଷେତ୍ରରେ ଜିଲ୍ଲାକୁ ସ୍ୱାବଲମ୍ବୀ କରିବା ଦିଗରେ ଜିଲ୍ଲାପାଳ ଗୁରୁତ୍ୱପ୍ରଦାନ କରିଥିଲେ ।

***Puri/R***

# ପୁଲିସ କର୍ମଚାରୀ - ସହାୟତା

ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ପକ୍ଷରୁ ୫ ଜଣ ପୁଲିସ୍ କର୍ମଚାରୀଙ୍କ ପରିବାରବର୍ଗଙ୍କୁ ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ କରାଯାଇଛି । ପ୍ରତ୍ୟେକଙ୍କ ପରିବାରବର୍ଗଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି ।

***Nayagarh/R***

# ଦିବ୍ୟାଙ୍ଗ ସ୍ୱାସ୍ଥ୍ୟ ପରୀକ୍ଷା

ନୟାଗଡ଼ ଜିଲ୍ଲା ଭାପୁରଠାରେ ସକ୍ଷମ ଦିବ୍ୟାଙ୍ଗ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୋଟ୍ ୮୮୧ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।

***Nayagarh/R***

# ଜନ ଆକ୍ରୋଶ ସମାବେଶ

ନୟାଗଡ଼ ଜିଲ୍ଲା ଚାନ୍ଦପୁର ବି.ଜେ.ପି. ମହିଳା ମୋର୍ଚ୍ଚା ନେତୃତ୍ୱରେ ଜନ ଆକ୍ରୋଶ ମହିଳା ଶକ୍ତି ପଦଯାତ୍ରା ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୦ଟି ପଞ୍ଚାୟତର ମହିଳା କର୍ମୀମାନେ ଯୋଗ ଦେଇଥିଲେ ।

*Met. O.*

# ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶଖୀଜନିତ ବର୍ଷା ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର' ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡଘଡ଼ି ସହ ବର୍ଷାହେବା ନେଇ ୨୬ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରିଛି । ଅପରପକ୍ଷରେ ରାଜ୍ୟରେ ଗୁଳୁଗୁଳି ଓ ଗରମ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଆଜି ଝାରସୁଗୁଡ଼ାଠାରେ ସର୍ବୋଚ୍ଚ ତାପମାତ୍ରା ୪୫ ଦଶମିକ ୫ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ କରାଯାଇଛି ।

******